# ଏକାମ୍ର ହାଟ, ଭୁବନେଶ୍ୱର ରେ ଷ୍ଟଲ ଆବଣ୍ଟନ ନିମନ୍ତେ ଦରଖାସ୍ତ ଆହ୍ୱାନ

ରାଜ୍ୟର ହସ୍ତଶିଳ୍ପ କାରିଗର ଓ ହସ୍ତତନ୍ତ ବୁଣାକାରମାନଙ୍କ ଠାରୁ ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ହସ୍ତଶିଳ୍ପ ଓ ହସ୍ତତନ୍ତ ସାମଗ୍ରୀର ବିକ୍ରୟ ଓ ପ୍ରଦର୍ଶନ ନିମନ୍ତେ ଏକାମ୍ର ହାଟରେ ଷ୍ଟଲ ଆବଣ୍ଟନ ପାଇଁ ନିର୍ଦ୍ଦିଷ୍ଟ ଆବେଦନ ପତ୍ରରେ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଆବେଦନ ପତ୍ର ଓ ସର୍ତ୍ତାବଳୀ ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନର ୱେବସାଇଟ **www.sidacodisha.org.in** ରେ ଉପଲବ୍ଧ ଅଛି । ଆଗ୍ରହୀ ହସ୍ତଶିଳ୍ପ କାରିଗର ଓ ହସ୍ତତନ୍ତ ବୁଣାକାରମାନେ ନିଜର ସୁବିଧା ମୁତାବକ ସର୍ବନିମ୍ନ ୧ ଟି ଓ ସର୍ବାଧିକ ୩ଟି ଅବଧି ପାଇଁ ଆବେଦନ କରିପାରିବେ । ପୂରଣ ହୋଇଥିବା ଆବେଦନ ପତ୍ର ଓ ଆବଶ୍ୟକୀୟ ଦସ୍ତାବିଜ ଆସନ୍ତା ତା ୦୩-୦୮-୨୦୨୪ ରିଖ ସନ୍ଧ୍ୟା ୫:୦୦ ସୁଦ୍ଧା, ନିଜ ଜିଲ୍ଲାର ସମ୍ପୃକ୍ତ ସରକାରୀ ନିର୍ଦ୍ଦେଶକ ହସ୍ତଶିଳ୍ପ / ବୟନଶିଳ୍ପଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ଆବଶ୍ୟକ । କର୍ତ୍ତୃପକ୍ଷ ବିନା କୌଣସି କାରଣ ଦର୍ଶାଇ ନିର୍ଦ୍ଦିଷ୍ଟ କିମ୍ବା ସମସ୍ତ ଆବେଦନକୁ ଗ୍ରହଣ ଅଥବା ପ୍ରତ୍ୟାଖ୍ୟାନ କରିପାରିବେ ।

ସବିଶେଷ ତଥ୍ୟ ଜାଣିବା ନିମନ୍ତେ ଦୟାକରି ଶ୍ରୀ ଅଭିଷେକ ଚୌଧୁରୀ, ହସ୍ତଶିଳ୍ପ ବିକାଶ ଅଧିକାରୀ, ସିଡାକ (୯୮୬୧୬୭୫୪୭୮) ରେ ସମ୍ପର୍କ କରନ୍ତୁ ।

ସ୍ୱା/-
ସଦସ୍ୟ ସଚିବ

SIDAC

ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ
ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡିଶା ସରକାର
ହାଣ୍ଡିକ୍ରାଫ୍ଟ କଂପ୍ଲେକ୍ସ, ଗଣ୍ଡମୁଣ୍ଡା, ପୋ-ଖଣ୍ଡଗିରି, ଭୁବନେଶ୍ୱର-୩୦
ଫୋନ-୦୬୭୪-୨୩୫୦୩୧୮

## ୨୦୨୪-୨୦୨୫ ବର୍ଷ ପାଇଁ ହସ୍ତଶିଳ୍ପ/ହସ୍ତତନ୍ତ ଷ୍ଟଲ ଆବଣ୍ଟନ ନିମନ୍ତେ ନିୟମ ଏବଂ ସର୍ତ୍ତାବଳୀ

## ଏକାମ୍ର ହାଟ, ଭୁବନେଶ୍ୱର

| | |
|---|---|
| ୧। | ଏକାମ୍ର ହାଟ, ଭୁବନେଶ୍ୱରରେ ଷ୍ଟଲ ପାଇବା ପାଇଁ ଦରଖାସ୍ତକାରୀ ଆବଶ୍ୟକୀୟ ପ୍ରମାଣପତ୍ରର ନକଲ ସହିତ ନିର୍ଦ୍ଦିଷ୍ଟ ଆବେଦନ ଫର୍ମରେ ସଂପୂର୍ଣ୍ଣ ବିବରଣୀ ପୂରଣ କରି ଆବେଦନ କରିବେ । |
| ୨। | କ) ହସ୍ତଶିଳ୍ପ ପାଇଁ ୭ ଟି ଷ୍ଟଲ ମାସିକ ଭଡା ସୂତ୍ରରେ ଏକ ମାସ ପାଇଁ । |
| | ଖ) ହସ୍ତଶିଳ୍ପ ପ୍ରଦର୍ଶନ ଓ ବିକ୍ରୟ ପାଇଁ ୭ ଟି ଷ୍ଟଲ ମାସିକ ଭଡା ସୂତ୍ରରେ ୬ ମାସ ପାଇଁ । |
| | ଗ) ହସ୍ତଶିଳ୍ପ ପାଇଁ ୧୨ ଟି ଷ୍ଟଲ ଏବଂ ହସ୍ତତନ୍ତ ପାଇଁ ୬ ଟି ଷ୍ଟଲ ମାସିକ ଭଡା ସୂତ୍ରରେ ଏକ ବର୍ଷ ପାଇଁ । |
| ୩ । | କେବଳ ଓଡିଶାର ହସ୍ତଶିଳ୍ପ ଓ ହସ୍ତତନ୍ତ ସାମଗ୍ରୀର ବିକ୍ରୟ ନିମନ୍ତେ ଓଡିଶାର କାରିଗର ଓ ବୁଣାକାରମାନଙ୍କୁ ଷ୍ଟଲ ଯୋଗାଇ ଦିଆଯିବ । ଏଥିରେ ବ୍ୟତିକ୍ରମ ହେଲେ ଆବଣ୍ଟନ ରଦ୍ଦ ଏବଂ କଳା ତାଲିକାଭୁକ୍ତ ହୋଇପାରେ । କାରିଗର / ବୁଣାକାର ପରିଚୟ ପ୍ରମାଣ ନିମନ୍ତେ ଦରଖାସ୍ତକାରୀ ନିମ୍ନୋକ୍ତ ମଧ୍ୟରୁ କୌଣସି ଗୋଟିଏ ଦାଖଲ କରିବାକୁ ପଡିବ । |
| | କ) ବିକାଶ ଆୟୁକ୍ତ(ହସ୍ତଶିଳ୍ପ) ଙ୍କ ଦ୍ୱାରା ପ୍ରଦତ୍ତ କାରିଗର ପରିଚୟ ପତ୍ର । |
| | ଖ) ହସ୍ତଶିଳ୍ପ ନିର୍ଦ୍ଦେଶାଳୟ / ସିଡାକ ଦ୍ୱାରା ପ୍ରଦତ୍ତ ତାଲିମର ପ୍ରମାଣ ପତ୍ର । |
| | ଗ) ଜିଲାସ୍ତରୀୟ ଅଧିକାରୀ ଯଥା ସହକାରୀ ହସ୍ତଶିଳ୍ପ ନିର୍ଦ୍ଦେଶକ/ହସ୍ତଶିଳ୍ପ ବିକାଶ ଅଧିକାରୀଙ୍କର ସୁପାରିଶ ପତ୍ର । |
| | ଘ) ଭାରତ ସରକାରଙ୍କ / ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ବୁଣାକାର ପ୍ରମାଣ ପତ୍ର । |
| | ଙ) ବୟନଶିଳ୍ପ ନିର୍ଦ୍ଦେଶାଳୟ ଦ୍ୱାରା ପ୍ରଦତ୍ତ ତାଲିମର ପ୍ରମାଣ ପତ୍ର । |
| | ଚ)ଜିଲାସ୍ତରୀୟ ଅଧିକାରୀ ଯଥା ସହକାରୀ ବୟନଶିଳ୍ପ ନିର୍ଦ୍ଦେଶକଙ୍କ ସୁପାରିଶ ପତ୍ର । |
| | ଛ) ଉତ୍କଳିକା, ବୟନିକା, ସମ୍ବଲପୁରୀ ବସ୍ତ୍ରାଳୟ, ଅମ୍ଳାନ ପରି ବ୍ୟାପାରିକ ସଂସ୍ଥା ସହିତ ତାଲିକାଭୁକ୍ତ ହୋଇଥିବା ପ୍ରମାଣପତ୍ର । |
| ୪। | ଷ୍ଟଲ ଆବଣ୍ଟନ ପ୍ରକ୍ରିୟା ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଦ୍ୱାରା ଗଠିତ ହୋଇଥିବା ଏକ କମିଟି ଦ୍ୱାରା କରାଯିବ ଏବଂ ଏହି କମିଟିର ନିଷ୍ପତ୍ତି ଚୁଡାନ୍ତ ଓ ବାଧ୍ୟତାମୂଳକ ବୋଲି ଗ୍ରହଣ କରାଯିବ। |
| ୫। | ଯୋଗ୍ୟ ହସ୍ତଶିଳ୍ପ କାରିଗର ଓ ହସ୍ତତନ୍ତ ବୁଣାକାରମାନଙ୍କ ନିମନ୍ତେ ଷ୍ଟଲ ଆବଣ୍ଟନ ପକ୍ରିୟା ଲଟେରୀ ମାଧମରେ କରାଯିବ । ଜାତୀୟ/ରାଜ୍ୟ ପୁରସ୍କାର ପ୍ରାପ୍ତ ହସ୍ତଶିଳ୍ପ କାରିଗର ଓ ହସ୍ତତନ୍ତ ବୁଣାକାର ତଥା ହସ୍ତଶିଳ୍ପ ଓ ହସ୍ତତନ୍ତ କାର୍ଯ୍ୟ କରୁଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଷ୍ଟଲ ଆବଣ୍ଟନର ଚୟନ ପକ୍ରିୟାରେ ଅଗ୍ରାଧିକାର ଦିଆଯିବ । |
| ୬। | ଭିନ୍ନକ୍ଷମ କାରିଗର/ବୁଣାକାର ତଥା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପାଇଁ ୫% ସଂରକ୍ଷଣ ବ୍ୟବସ୍ଥା ଉଦ୍ଦିଷ୍ଟ। ଉକ୍ତ ବର୍ଗର ଦରଖାସ୍ତକାରୀ ଅଭାବେ ଏହି ସଂରକ୍ଷିତ ଷ୍ଟଲ ଅନ୍ୟ ଆବେଦନକାରୀଙ୍କୁ ଆବଣ୍ଟନ କରାଯିବ । |
| ୭। | କ) ଷ୍ଟଲ ଭଡା ପର୍ଯ୍ୟଟନ ଋତୁ ପାଇଁ (ଅକ୍ଟୋବର ଠାରୁ ମାର୍ଚ୍ଚ) ମାସିକ ୨୦୦୦/- ଟଙ୍କା ଏବଂ ଅବଶିଷ୍ଟ ଋତୁ ପାଇଁ (ଅପ୍ରେଲ ଠାରୁ ସେପ୍ଟେମ୍ବର ) ୧୫୦୦/- ଟଙ୍କା ଧାର୍ଯ୍ୟ କରାଯାଇଛି । ସର୍ବନିମ୍ନ ବିଦ୍ୟୁତ ଦେୟ ପଇଠ କରିବାକୁ ପଡିବ ନାହିଁ ମାତ୍ର ଅଧିକ ଆଲୋକ ସାଜସଜା ପାଇଁ ଆବଣ୍ଟନଗ୍ରାହୀ ନିଜ ହାତରୁ ଖର୍ଚ୍ଚ କରିବେ । [କ୍ରମିକ ସଂଖ୍ୟା ୨ (କ) ପାଇଁ ଉଦ୍ଦିଷ୍ଟ]। |
| | ଖ) ଷ୍ଟଲ ଭଡା ପର୍ଯ୍ୟଟନ ଋତୁ ପାଇଁ (ଅକ୍ଟୋବର ଠାରୁ ମାର୍ଚ୍ଚ) ମାସିକ ୧୦୦୦/- ଟଙ୍କା ଏବଂ ଅବଶିଷ୍ଟ ଋତୁ ପାଇଁ (ଅପ୍ରେଲ ଠାରୁ ସେପ୍ଟେମ୍ବର ) ୫୦୦/- ଟଙ୍କା ଧାର୍ଯ୍ୟ କରାଯାଇଛି । ସର୍ବନିମ୍ନ ବିଦ୍ୟୁତ ଦେୟ ପଇଠ କରିବାକୁ ପଡିବ ନାହିଁ ମାତ୍ର ଅଧିକ ଆଲୋକ ସାଜସଜା ପାଇଁ ଆବଣ୍ଟନଗ୍ରାହୀ ନିଜ ହାତରୁ ଖର୍ଚ୍ଚ କରିବେ । [କ୍ରମିକ ସଂଖ୍ୟା ୨ (ଖ) ପାଇଁ ଉଦ୍ଦିଷ୍ଟ]। |
| | ଗ) ୧୨ ଟି ହସ୍ତଶିଳ୍ପ ଓ ୬ ଟି ହସ୍ତତନ୍ତ ଷ୍ଟଲ ପାଇଁ ସର୍ବନିମ୍ନ ମୂଲ୍ୟ ମାସିକ ୨୦୦୦ ଟଙ୍କା (ଷ୍ଟଲ ପ୍ରତି) ସ୍ଥିର କରାଯାଇଛି । ଯାହାକି ସର୍ବୋଚ୍ଚ ମୂଲ୍ୟ ପ୍ରଦାନକାରୀ କାରିଗର ଓ ବୁଣାକାର ମାନଙ୍କୁ ପ୍ରଦାନ କରାଯିବ। [କ୍ରମିକ ସଂଖ୍ୟା ୨ (ଗ) ପାଇଁ ଉଦ୍ଦିଷ୍ଟ]। |
| ୮। | ଆବଣ୍ଟନଗ୍ରାହୀ ଙ୍କୁ ଷ୍ଟଲ ଭଡା ଅଗ୍ରୀମ ଆକାରରେ ଦାଖଲ କରିବାକୁ ପଡିବ । |
| ୯। | ଏହା ବ୍ୟତିରେକ ପ୍ରତ୍ୟେକ ଆବଣ୍ଟନ ଗ୍ରାହୀ ୫୦୦୦/- ଟଙ୍କା ଫେରସ୍ତଯୋଗ୍ୟ ଅମାନତ ରାଶି ଦାଖଲ କରିବାକୁ ପଡିବ। ଯାହାକି ଚୁକ୍ତିନାମା ମୁତାବକ ସମସ୍ତ ସର୍ତ୍ତାବଳୀ ପୂରଣ କରିଥିଲେ ଆବଣ୍ଟନ କାର୍ଯ୍ୟକାଳ ସମାପ୍ତ ପରେ ତାଙ୍କୁ ଫେରସ୍ତ କରାଯିବ। ଷ୍ଟଲ ଆବଣ୍ଟନ ସୂଚନା ପାଇବାର ଦୁଇଦିନ ମଧ୍ୟରେ ଦରଖାସ୍ତକାରୀ (କାରିଗର / ବୁଣାକାର ) ଉପରୋକ୍ତ ଅର୍ଥ |

| | |
|---|---|
| | ଦାଖଲ କରିବେ । ଷ୍ଟଲ ଭଡା ଓ ଅମାନତ ରାଶି ଦାଖଲ କରିବାରେ ଅକୃତକାର୍ଯ୍ୟ ହେଲେ ଷ୍ଟଲ ଆବଣ୍ଟନକୁ ରଦ୍ଦ କରିଦିଆଯାଇ ପ୍ରତୀକ୍ଷା ତାଲିକା (waiting list)ରେ ଥିବା ଅନ୍ୟ କାରିଗର / ବୁଣାକାରମାନଙ୍କୁ ଦିଆଯିବ । ସମସ୍ତ ଦେୟ ଦାଖଲ କରିସାରିବାର ଦିନକ ମଧ୍ୟରେ ଆବଣ୍ଟନଗ୍ରାହୀ ଷ୍ଟଲଟିକୁ ନିଜ ଦଖଲକୁ ନେଇ ବିକ୍ରୟ ଆରମ୍ଭ କରିବାକୁ ହେବ। ଏଥିରେ ବ୍ୟତିକ୍ରମ ହେଲେ ଅମାନତ ରାଶିର ୫୦% ଅର୍ଥ ଜୋରିମାନା ନ୍ୟସ୍ତ କରାଯିବ। |
| ୧୦। | ନିଜ ପସନ୍ଦ ମୁତବକ ଅତିକମରେ ୧ ଟି ଏବଂ ଅତିବେଶିରେ ୬ ଟି ଅବଧି ଚୟନ କରି ଏହାର ଦକ୍ଷିଣ ପାର୍ଶ୍ୱରେ ଠିକ୍ ଚିହ୍ନ ଦେଇ ଉଲ୍ଲେଖ କରିବେ । |
| ୧୧। | ଷ୍ଟଲ ଆବଣ୍ଟନଗ୍ରାହୀ ସଭ୍ୟ ସଚିବ, ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ(SIDAC ) ଗଣ୍ଡମୁଣ୍ଡା, ଭୁବନେଶ୍ବର-୩୦ ଙ୍କ ସହିତ ଏକ ଚୁକ୍ତିନାମା ସ୍ୱାକ୍ଷର କରିବାକୁ ହେବ ଏବଂ ଏଥିରେ ଥିବା ସର୍ତ୍ତାବଳୀକୁ ପାଳନ କରିବାକୁ ହେବ । ଏହି ଚୁକ୍ତିନାମାର ବ୍ୟତିକ୍ରମ ହେଲେ ଏକ ଛବିଶି ଘଣ୍ଟିଆ ନୋଟିସ ସହିତ ଆବଣ୍ଟନକୁ ରଦ୍ଦ କରାଯିବ। ତତ୍ ସଙ୍ଗେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଦ୍ୱାରା ପରିଚାଳିତ କୌଣସି କାର୍ଯ୍ୟକ୍ରମରେ ଭାଗନେବା ତଥା ବିଭାଗ ଦ୍ୱାରା ବିଭିନ୍ନ ଯୋଜନାରେ ଦିଆଯାଉଥିବା ସବସିଡି ତଥା ଅନ୍ୟାନ୍ୟ ସୁବିଧାରୁ ଆବଣ୍ଟନ ଗ୍ରାହୀଙ୍କୁ ବଞ୍ଚିତ କରାଯିବ । |
| ୧୨। | ଷ୍ଟଲକୁ ପୁନଃ ଭଡାରେ ଦେବା କିମ୍ବା ଅନ୍ୟ କାହାକୁ ବଦଳି କରିବା ସଂପୂର୍ଣ୍ଣ ରୂପେ ନିଷିଦ୍ଧ । ଯଦି ଏହା ହୁଏ ତାହେଲେ ଆବଣ୍ଟନ ରଦ୍ଦ କରିଦିଆଯିବ ଏବଂ ତାହା ଚୁକ୍ତିନାମାର ବିରୁଦ୍ଧାଚରାଣ କରୁଛି ବୋଲି ଧରାଯିବ ଏବଂ ସମ୍ପୃକ୍ତ କାରିଗର/ବୁଣାକାରଙ୍କୁ କଳାତାଲିକା ଭୁକ୍ତ କରାଯିବ । |
| ୧୩। | ଷ୍ଟଲ ଆବଣ୍ଟନ ଗ୍ରାହୀ ତାଙ୍କର କାର୍ଯ୍ୟକଳାପ କେବଳ ତାଙ୍କୁ ଦିଆଯାଇଥିବା ଷ୍ଟଲ ସୀମା ମଧ୍ୟରେ ହିଁ ସୀମିତ ରଖିବେ। କୌଣସି ପରିସ୍ଥିତିରେ ମଧ୍ୟ ସେ ଏକାମ୍ର ହାଟର ଅନ୍ୟ କାର୍ଯ୍ୟକଳାପ ଗୁଡିକୁ ପ୍ରତିହତ କରିପାରିବେ ନାହିଁ । |
| ୧୪। | ଷ୍ଟଲ ଆବଣ୍ଟନଗ୍ରାହୀ ତାଙ୍କର ସାମଗ୍ରୀଗୁଡିକର ଗୁଣାତ୍ମକ ପ୍ୟାକିଙ୍ଗ ପାଇଁ ଯତ୍ନବାନ ହେବେ । |
| ୧୫। | ଷ୍ଟଲ ଭିତରର ସାଜସଜାରେ ଷ୍ଟଲ ଆବଣ୍ଟନଗ୍ରାହୀଙ୍କ ଦ୍ୱାରା କୌଣସି ପରିବର୍ତ୍ତନକୁ ପ୍ରଶ୍ରୟ ଦିଆଯିବ ନାହିଁ |
| ୧୬। | ଏକାମ୍ର ହାଟ ପରିସରକୁ "ପ୍ଲାଷ୍ଟିକ ମୁକ୍ତଅଞ୍ଚଳ" ଘୋଷଣା କରାଯାଇଛି । ତେଣୁ ଏକାମ୍ର ହାଟ ପରିସରରେ ଷ୍ଟଲ ଅଧିଗ୍ରହଣକାରୀ କୌଣସି ପ୍ଲାଷ୍ଟିକ ବସ୍ତୁ, ଯେମିତି କି ପଲିଥିନ, ପ୍ୟାକିଙ୍ଗ, ପ୍ଲାଷ୍ଟିକ କପ୍ ଓ ଗ୍ଲାସ ଇତ୍ୟାଦି ବ୍ୟବହାର କରିବା ନିଷିଦ୍ଧ ଅଟେ । |
| ୧୭। | ଷ୍ଟଲ ଅଧିଗ୍ରହଣକାରୀ ନିଜ ଷ୍ଟଲ ସହିତ ଏକମ୍ର ହାଟକୁ ପରିଷ୍କାର ପରିଚ୍ଛନ୍ନ ରଖିବା ସହିତ ସ୍ୱାସ୍ଥ୍ୟକାରୀ ପରିବେଶର ରକ୍ଷଣାବେକ୍ଷଣ ପ୍ରତି ଯତ୍ନବାନ ହେବେ । |
| ୧୮। | ସିଡ଼ାକ ଦ୍ୱାରା ଷ୍ଟଲ ଆବଣ୍ଟନ ପରେ କାରିଗର/ବୁଣାକାର ମାନଙ୍କ ଷ୍ଟଲ ଓ କଳାକୃତି ଗୁଡିକ ଯୁଗ୍ମ ଭାବରେ ସିଡାକ, ହସ୍ତଶିଳ୍ପ ନିର୍ଦ୍ଦେଶକ ଏବଂ ହସ୍ତତନ୍ତ ଓ ବୟନଶିଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟର ସଭ୍ୟମାନଙ୍କ ଦ୍ୱାରା ଗଠିତ କମିଟି ଦ୍ୱାରା ତଦାରଖ କରାଯିବ। |
| ୧୯। | ଷ୍ଟଲ ଖୋଲିବା ସମୟ ସକାଳ ୧୦.୦୦ ଘଟିକା ଠାରୁ ରାତ୍ର ୯.୦୦ ଘଟିକା ପର୍ଯ୍ୟନ୍ତ ନିର୍ଦ୍ଧାରଣ କରାଯାଇଛି । କୌଣସି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ସମୟରେ (ପ୍ରଦର୍ଶନୀ / ଉତ୍ସବ / ସ୍ୱତନ୍ତ୍ର କାର୍ଯ୍ୟକ୍ରମ ) ଏହି ସମୟକୁ କର୍ତ୍ତୃପକ୍ଷ ଙ୍କ ଅନୁମୋଦନରେ ବଦଳା ଯାଇପାରେ । |
| ୨୦। | ଆଗ୍ରହୀ ହସ୍ତଶିଳ୍ପ କାରିଗର ଓ ହସ୍ତତନ୍ତ ବୁଣାକାରମାନେ ନିଜ ସୁବିଧା ମୁତାବକ ସର୍ବାଧିକ ଦୁଇମାସ ପାଇଁ ଆବେଦନ କରିପାରିବେ । ପୂରଣ ହୋଇଥିବା ଆବେଦନ ପତ୍ର ଏବଂ ଆବଶ୍ୟକୀୟ ଦସ୍ତାବିଜ ନିଜ ଜିଲ୍ଲାର ସହକାରୀ ନିର୍ଦ୍ଦେଶକ (ହସ୍ତଶିଳ୍ପ/ ବୟନ ଶିଳ୍ପ) ଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ଆବଶ୍ୟକ । |
| ୨୧। | ଷ୍ଟଲ ଅଧିଗ୍ରହଣ ପୂର୍ବରୁ ସମସ୍ତ ଷ୍ଟଲ ଅଧିଗ୍ରହଣକାରୀଙ୍କୁ ଗୋଟିଏ undertaking ଦେବାବିଧେୟ । |
| ୨୨। | ସବିଶେଷ ତଥ୍ୟ ଜାଣିବା ନିମନ୍ତେ ଦୟାକରି ଶ୍ରୀ ଅଭିଷେକ ଚୌଧୁରୀ, ହସ୍ତଶିଳ୍ପ ବିକାଶ ଅଧିକାରୀ, ସିଡାକ (୯୮୬୧ ୬୭୫୪୭୮) ରେ ସମ୍ପର୍କ କରନ୍ତୁ । |

*****

# ଏକାମ୍ର ହାଟ ଷ୍ଟଲ ବଣ୍ଟନ ପାଇଁ ଆବେଦନ ପତ୍ର

[ନିୟମ ଏବଂ ସର୍ତ୍ତାବଳୀ ୨ (କ) ଅନୁଯାୟୀ ୭ ଟି ଷ୍ଟଲ ହସ୍ତଶିଳ୍ପ ପାଇଁ ମାସିକ ଭଡା ସୂତ୍ରରେ ଏକ ମାସ ପାଇଁ]

(ଦୟାକରି ଆବେଦନ ପତ୍ର ପୂରଣ ଏବଂ ଦାଖଲ କରିବା ପୂର୍ବରୁ ନିୟମ ଏବଂ ସର୍ତ୍ତାବଳୀ ଗୁଡିକୁ ଭଲ ଭାବେ ପଢି ନିଅନ୍ତୁ । କୌଣସି ଭୁଲ ବୁଝାମଣା ପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

| | | | |
|---|---|---|---|
| ୦୧ | କାରିଗରଙ୍କ ନାମ ଏବଂ<br>ନିଜର ପାସପୋର୍ଟ ସାଇଜ ଫଟୋ ଲଗାଇବା ଆବଶ୍ୟକ | : | |
| ୦୩ | ଯୋଗାଯୋଗ ପାଇଁ ସବିଶେଷ ଠିକଣା | : | |
| ୦୪ | ଇ-ମେଲ (ଯଦି ଥାଏ ) | : | |
| ୦୫ | ଯୋଗାଯୋଗ ନମ୍ବର<br>ଲ୍ୟାଣ୍ଡଲାଇନ ନମ୍ବର<br><br>ମୋବାଇଲ ନମ୍ବର<br><br>ବିକଳ୍ପ ମୋବାଇଲ ନମ୍ବର/ହ୍ୱାଟ୍ସଆପ୍ ନଂ. (ଯଦି ଥାଏ ) | : | |
| ୦୬ | ପରିଚୟ ପ୍ରମାଣ ପତ୍ର<br>(ନିମ୍ନ ଲିଖିତ ମଧ୍ୟରୁ ଯେ କୌଣସି ଗୋଟିଏର ନକଲ ସଂଲଗ୍ନ କରନ୍ତୁ) ଆଧାର/ଭୋଟର ପରିଚୟ ପତ୍ର/ପ୍ୟାନ କାର୍ଡ/ଗାଡି ଚାଳନା ଲାଇସେନ୍ସ /ପାସପୋର୍ଟ ଇତ୍ୟାଦି ) | : | |
| ୦୭ | କାରିଗର ପରିଚୟ ପତ୍ର / କାରିଗର ଭିନ୍ନକ୍ଷମ ଥିଲେ ଏ ସମ୍ପର୍କିତ ପ୍ରମାଣପତ୍ର (ଦୟାକରି ନିୟମ ଓ ସର୍ତ୍ତାବଳୀର ୩ନଂ.ରେ ଉଲ୍ଲେଖ କରାଯାଇଥିବା ଅନୁଯାୟୀ ସଂଲଗ୍ନ କରନ୍ତୁ।) | : | |
| ୦୮ | ସମ୍ପୃକ୍ତ ଜିଲା କର୍ତ୍ତୃପକ୍ଷଙ୍କ ସୁପାରିଶ ଯଦି ଅଛି (ସୁପାରିଶ ସଂଲଗ୍ନ କରନ୍ତୁ ।) | : | |
| ୦୯ | ଆପଣ ହସ୍ତଶିଳ୍ପରେ କୌଣସି ତାଲିମ ନେଇଛନ୍ତି କି ? (ଯଦି ହଁ, ଦୟାକରି ସବିଶେଷ ତଥ୍ୟ ଏବଂ ପ୍ରମାଣ ପତ୍ର ସଂଲଗ୍ନ କରନ୍ତୁ ।) | : | |

| | | | |
|---|---|---|---|
| ୧୦ | ଷ୍ଟଲରେ ବିକ୍ରି ହେବା ହସ୍ତଶିଳ୍ପର ନାମ ଏବଂ ଏହାର ୪ ଟି ଫଟୋ | : | |
| ୧୧ | ଆପଣ ଉତ୍କଳିକା, ବୟନିକା, ସମ୍ବଲପୁରୀ ବସ୍ତ୍ରାଳୟ, ଅମ୍ଳାନ କିମ୍ବା ଅନ୍ୟ କୌଣସି ବ୍ୟାପାରିକ ସଂସ୍ଥା ସହିତ ତାଲିକାଭୁକ୍ତ ହୋଇଛନ୍ତି କି ? (ଯଦି ହଁ, ଦୟାକରି ସବିଶେଷ ତଥ୍ୟ ଏବଂ ପ୍ରମାଣ ପତ୍ର ସଂଲଗ୍ନ କରନ୍ତୁ ।) | : | |
| ୧୨ | ପ୍ରଦର୍ଶନୀରେ ଅଂଶଗ୍ରହଣ ପୂର୍ବ ଅଭିଜ୍ଞତା (ଦୟାକରି ଉପଯୁକ୍ତକୁ ଠିକ ଚିହ୍ନ ଦିଅନ୍ତୁ ) | : | ସ୍ଥାନୀୟ ସ୍ତର/ଜିଲ୍ଲା ସ୍ତର/ରାଜ୍ୟ ସ୍ତର / ଜାତୀୟ ସ୍ତର |
| ୧୩ | ବିଗତ ଏକବର୍ଷ ମଧ୍ୟରେ ଏକାମ୍ର ହାଟରେ ଷ୍ଟଲ ପାଇଛନ୍ତି କି ? ଯଦି ହଁ କେଉଁ ସମୟରେ ? | : | ହଁ/ନା |
| ୧୪ | ବିକ୍ରୟ ଉଦ୍ଦେଶ୍ୟରେ କିଏ ଷ୍ଟଲରେ ଉପସ୍ଥିତ ରହିବେ ? (ଦୟାକରି ନାମ, ଫଟୋ ଓ ଯୋଗାଯୋଗ ନମ୍ବର ପ୍ରଦାନ କରନ୍ତୁ ) | : | |

## ସ୍ୱୀକାରୋକ୍ତି

ମୁଁ ଏକାମ୍ର ହାଟ କର୍ତ୍ତୃପକ୍ଷଙ୍କ ସମସ୍ତ ନିୟମ ଏବଂ ସର୍ତ୍ତାବଳୀଗୁଡିକୁ ପଢି, ବୁଝି ଏହାକୁ ମାନିବାକୁ ରାଜି ଅଟେ । ମୋ ଦ୍ୱାରା ଉପରୋକ୍ତ ପ୍ରଦତ୍ତ ସମସ୍ତ ତଥ୍ୟ ସତ୍ୟ ଅଟେ; ଏଥିରେ ମିଥ୍ୟା ପ୍ରମାଣିତ ହେଲେ କିମ୍ବା ନିର୍ଦ୍ଦେଶାବଳୀର ଉଲଂଘନ ହେଲେ ଷ୍ଟଲ ଆବଣ୍ଟନରୁ ବଞ୍ଚିତ କରିପାରିବେ । ଏଥିରେ ମୋର କୌଣସି ଆପତ୍ତି ନାହିଁ ।

(କାରିଗର/ବୁଣାକାରଙ୍କ ଦସ୍ତଖତ)

ତାରିଖ

ସ୍ଥାନ

**ବି. ଦ୍ର. : ଦୟାକରି ଉପରୋକ୍ତ ଦରଖାସ୍ତଟିକୁ ପୂରଣ କରି ନିଜ ଜିଲ୍ଲାର ସହକାରୀ ନିର୍ଦ୍ଦେଶକ (ହସ୍ତଶିଳ୍ପ)ଙ୍କ କାର୍ଯ୍ୟାଳୟରେ ଦାଖଲ କରନ୍ତୁ।**

## ଏକାମ୍ର ହାଟ ଷ୍ଟଲ ବଣ୍ଟନ ପାଇଁ ଆବେଦନ ପତ୍ର

[ନିୟମ ଏବଂ ସର୍ତ୍ତାବଳୀ ୨ (ଖ ) ଅନୁଯାୟୀ ୭ ଟି ଷ୍ଟଲ କଳା କୃତ୍ତି ପ୍ରଦର୍ଶନ ଓ ବିକ୍ରୟ ନିମନ୍ତେ ମାସିକ ଭଡା ସୂତ୍ରରେ ଛଅ ମାସ ପାଇଁ ]

(ଦୟାକରି ଆବେଦନ ପତ୍ର ପୂରଣ ଏବଂ ଦାଖଲ କରିବା ପୂର୍ବରୁ ନିୟମ ଏବଂ ସର୍ତ୍ତାବଳୀଗୁଡିକୁ ଭଲ ଭାବେ ପଢି ନିଅନ୍ତୁ । କୌଣସି ଭୁଲ ବୁଝାମଣା ପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

| | | | |
|---|---|---|---|
| ୦୧ | କାରିଗରଙ୍କ ନାମ ଏବଂ<br>ନିଜର ପାସପୋର୍ଟ ସାଇଜ ଫଟୋ ଲଗାଇବା ଆବଶ୍ୟକ | : | |
| ୦୨ | ଯୋଗାଯୋଗ ପାଇଁ ସବିଶେଷ ଠିକଣା | : | |
| ୦୩ | ଇ-ମେଲ (ଯଦି ଥାଏ ) | : | |
| ୦୪ | ଯୋଗାଯୋଗ ନମ୍ବର<br>ଲ୍ୟାଣ୍ଡଲାଇନ ନମ୍ବର<br><br>ମୋବାଇଲ ନମ୍ବର<br><br>ବିକଳ୍ପ ମୋବାଇଲ ନମ୍ବର/ହ୍ୱାଟ୍ସଆପ୍ ନଂ. (ଯଦି ଥାଏ ) | : | |
| ୦୫ | ପରିଚୟ ପ୍ରମାଣ ପତ୍ର<br>(ନିମ୍ନଲିଖିତ ମଧ୍ୟରୁ ଯେ କୌଣସି ଗୋଟିଏର ନକଲ ସଂଲଗ୍ନ କରନ୍ତୁ) ଆଧାର/ଭୋଟର ପରିଚୟ ପତ୍ର/ପ୍ୟାନ କାର୍ଡ/ଗାଡି ଚାଳନା ଲାଇସେନ୍ସ /ପାସପୋର୍ଟ ଇତ୍ୟାଦି ) | : | |
| ୦୬ | କାରିଗର ପରିଚୟ ପତ୍ର/ କାରିଗର ଭିନ୍ନକ୍ଷମ ଥିଲେ ଏ ସମ୍ପର୍କିତ ପ୍ରମାଣପତ୍ର (ଦୟାକରି ନିୟମ ଓ ସର୍ତ୍ତାବଳୀର ୩ ନଂ. ରେ ଉଲ୍ଲେଖ କରାଯାଇଥିବା ଅନୁଯାୟୀ ସଂଲଗ୍ନ କରନ୍ତୁ ।) | : | |
| ୦୭ | ସମ୍ପୃକ୍ତ ଜିଲା କର୍ତ୍ତୃପକ୍ଷଙ୍କ ସୁପାରିଶ ଯଦି ଅଛି (ସୁପାରିଶ ସଂଲଗ୍ନ କରନ୍ତୁ ।) | : | |
| ୦୮ | ଆପଣ ହସ୍ତଶିଳ୍ପରେ କୌଣସି ତାଲିମ ନେଇଛନ୍ତି କି ? (ଯଦି ହଁ, ଦୟାକରି ସବିଶେଷ ତଥ୍ୟ ଏବଂ ପ୍ରମାଣ ପତ୍ର ସଂଲଗ୍ନ କରନ୍ତୁ ।) | : | |

| | | | |
|---|---|---|---|
| ୦୯ | ଷ୍ଟଲରେ ବିକ୍ରି ହେବା ହସ୍ତଶିଳ୍ପର ନାମ ଏବଂ ଏହାର ୪ ଟି ଫଟୋ | : | |
| ୧୦ | ଆପଣ ଉତ୍କଳିକା, ବୟନିକା, ସମ୍ବଲପୁରୀ ବସ୍ତ୍ରାଳୟ, ଅମ୍ଳାନ କିମ୍ବା ଅନ୍ୟ କୌଣସି ବ୍ୟାପାରିକ ସଂସ୍ଥା ସହିତ ତାଲିକାଭୁକ୍ତ ହୋଇଛନ୍ତି କି ? (ଯଦି ହଁ, ଦୟାକରି ସବିଶେଷ ତଥ୍ୟ ଏବଂ ପ୍ରମାଣ ପତ୍ର ସଂଲଗ୍ନ କରନ୍ତୁ ।) | : | |
| ୧୧ | ପ୍ରଦର୍ଶନୀରେ ଅଂଶଗ୍ରହଣ ପୂର୍ବ ଅଭିଜ୍ଞତା (ଦୟାକରି ଉପଯୁକ୍ତକୁ ଠିକ ଚିହ୍ନ ଦିଅନ୍ତୁ ) | : | ସ୍ଥାନୀୟ ସ୍ତର/ଜିଲ୍ଲା ସ୍ତର/ରାଜ୍ୟ ସ୍ତର/ ଜାତୀୟ ସ୍ତର |
| ୧୨ | ବିଗତ ଏକବର୍ଷ ମଧ୍ୟରେ ଏକାମ୍ର ହାଟରେ ଷ୍ଟଲ ପାଇଛନ୍ତି କି ? ଯଦି ହଁ କେଉଁ ସମୟରେ ? | : | ହଁ/ନା |
| ୧୩ | ବିକ୍ରୟ ଉଦ୍ଦେଶ୍ୟରେ କିଏ ଷ୍ଟଲରେ ଉପସ୍ଥିତ ରହିବେ ? (ଦୟାକରି ନାମ, ଫଟୋ ଓ ଯୋଗାଯୋଗ ନମ୍ବର ପ୍ରଦାନ କରନ୍ତୁ ) | : | |

<u>ସ୍ୱୀକାରୋକ୍ତି</u>

ମୁଁ ଏକାମ୍ର ହାଟ କର୍ତ୍ତୃପକ୍ଷଙ୍କ ସମସ୍ତ ନିୟମ ଏବଂ ସର୍ତ୍ତାବଳୀଗୁଡିକୁ ପଢି, ବୁଝି ଏହାକୁ ମାନିବାକୁ ରାଜି ଅଟେ । ମୋ ଦ୍ୱାରା ଉପରୋକ୍ତ ପ୍ରଦତ୍ତ ସମସ୍ତ ତଥ୍ୟ ସତ୍ୟ ଅଟେ; ଏଥିରେ ମିଥ୍ୟା ପ୍ରମାଣିତ ହେଲେ କିମ୍ବା ନିର୍ଦ୍ଦେଶାବଳୀର ଉଲଂଘନ ହେଲେ ଷ୍ଟଲ ଆବଣ୍ଟନରୁ ବଞ୍ଚିତ କରିପାରିବେ । ଏଥିରେ ମୋର କୌଣସି ଆପତ୍ତି ନାହିଁ ।

(କାରିଗର/ବୁଣାକାରଙ୍କ ଦସ୍ତଖତ)

ତାରିଖ

ସ୍ଥାନ

**ବି. ଦ୍ର. : ଦୟାକରି ଉପରୋକ୍ତ ଦରଖାସ୍ତଟିକୁ ପୁରଣ କରି ନିଜ ଜିଲ୍ଲାର ସହକାରୀ ନିର୍ଦ୍ଦେଶକ (ହସ୍ତଶିଳ୍ପ)ଙ୍କ କାର୍ଯ୍ୟାଳୟରେ ଦାଖଲ କରନ୍ତୁ।**

# ଏକାମ୍ର ହାଟ ଷ୍ଟଲ ବଣ୍ଟନ ପାଇଁ ଆବେଦନ ପତ୍ର

[ନିୟମ ଏବଂ ସର୍ତ୍ତାବଳୀ ୨ (ଗ) ଅନୁଯାୟୀ ହସ୍ତଶିଳ୍ପ ପାଇଁ ୧୨ ଟି ଷ୍ଟଲ ଏବଂ ହସ୍ତତନ୍ତ ପାଇଁ ୬ ଟି ଷ୍ଟଲ ମାସିକ ଭଡା ସୂତ୍ରରେ ଏକ ବର୍ଷ ପାଇଁ ]

(ଦୟାକରି ଆବେଦନ ପତ୍ର ପୂରଣ ଏବଂ ଦାଖଲ କରିବା ପୂର୍ବରୁ ନିୟମ ଏବଂ ସର୍ତ୍ତାବଳୀଗୁଡିକୁ ଭଲ ଭାବେ ପଢି ନିଅନ୍ତୁ । କୌଣସି ଭୁଲ ବୁଝାମଣା ପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

| | | | |
|---|---|---|---|
| ୦୧ | କେଉଁ ଷ୍ଟଲ ପାଇଁ ଆବେଦନ କରୁଛନ୍ତି?<br>(ଦୟାକରି ଉପଯୁକ୍ତକୁ ଠିକ ଚିହ୍ନ ଦିଅନ୍ତୁ ) | : | ହସ୍ତଶିଳ୍ପ/ହସ୍ତତନ୍ତ |
| ୦୨ | କାରିଗର/ବୁଣାକାରଙ୍କ ନାମ ଏବଂ<br>ନିଜର ପାସପୋର୍ଟ ସାଇଜ ଫଟୋ ଲଗାଇବା ଆବଶ୍ୟକ | : | |
| ୦୩ | ଯୋଗାଯୋଗ ପାଇଁ ସବିଶେଷ ଠିକଣା | : | |
| ୦୪ | ଇ-ମେଲ (ଯଦି ଥାଏ ) | : | |
| ୦୫ | ଯୋଗାଯୋଗ ନମ୍ବର<br>ଲ୍ୟାଣ୍ଡଲାଇନ ନମ୍ବର<br><br>ମୋବାଇଲ ନମ୍ବର<br><br>ବିକଳ୍ପ ମୋବାଇଲ ନମ୍ବର/ହ୍ୱାଟ୍ସଆପ୍ ନଂ. (ଯଦି ଥାଏ ) | : | |
| ୦୬ | ପରିଚୟ ପ୍ରମାଣ ପତ୍ର<br>(ନିମ୍ନ ଲିଖିତ ମଧ୍ୟରୁ ଯେ କୌଣସି ଗୋଟିଏର ନକଲ ସଂଲଗ୍ନ କରନ୍ତୁ) ଆଧାର/ଭୋଟର ପରିଚୟ ପତ୍ର/ପ୍ୟାନ କାର୍ଡ/ଗାଡି ଚାଳନା ଲାଇସେନ୍ସ /ପାସପୋର୍ଟ ଇତ୍ୟାଦି ) | : | |
| ୦୭ | କାରିଗର/ବୁଣାକାର ପରିଚୟ ପତ୍ର/ କାରିଗର ଭିନ୍ନକ୍ଷମ ଥିଲେ ଏ ସମ୍ପର୍କିତ ପ୍ରମାଣପତ୍ର (ଦୟାକରି ନିୟମ ଓ ସର୍ତ୍ତାବଳୀର ୩ ନମ୍ବରରେ ଉଲ୍ଲେଖ କରାଯାଇଥିବା ଅନୁଯାୟୀ ସଂଲଗ୍ନ କରନ୍ତୁ ।) | : | |
| ୦୮ | ସମ୍ପୃକ୍ତ ଜିଲା କର୍ତ୍ତୃପକ୍ଷଙ୍କ ସୁପାରିଶ ଯଦି ଅଛି (ସୁପାରିଶ ସଂଲଗ୍ନ କରନ୍ତୁ ।) | : | |

| | | | |
|---|---|---|---|
| ୦୯ | ଆପଣ ହସ୍ତଶିଳ୍ପ/ହସ୍ତତନ୍ତରେ କୌଣସି ତାଲିମ ନେଇଛନ୍ତି କି ? (ଯଦି ହଁ, ଦୟାକରି ସବିଶେଷ ତଥ୍ୟ ଏବଂ ପ୍ରମାଣ ପତ୍ର ସଂଲଗ୍ନ କରନ୍ତୁ ।) | : | |
| ୧୦ | ଷ୍ଟଲରେ ବିକ୍ରି ହେବା ହସ୍ତଶିଳ୍ପ କିମ୍ବା ବୁଣା ଶୈଳୀର ନାମ ଏବଂ ଏହାର ୪ ଟି ଫଟୋ | : | |
| ୧୧ | ଆପଣ ଉତ୍କଳିକା, ବୟନିକା, ସମ୍ବଲପୁରୀ ବସ୍ତ୍ରାଳୟ, ଅମ୍ଳାନ କିମ୍ବା ଅନ୍ୟ କୌଣସି ବ୍ୟାପାରିକ ସଂସ୍ଥା ସହିତ ତାଲିକାଭୁକ୍ତ ହୋଇଛନ୍ତି କି ? (ଯଦି ହଁ, ଦୟାକରି ସବିଶେଷ ତଥ୍ୟ ଏବଂ ପ୍ରମାଣ ପତ୍ର ସଂଲଗ୍ନ କରନ୍ତୁ ।) | : | |
| ୧୨ | ପ୍ରଦର୍ଶନୀରେ ଅଂଶଗ୍ରହଣ ପୂର୍ବ ଅଭିଜ୍ଞତା (ଦୟାକରି ଉପଯୁକ୍ତକୁ ଠିକ ଚିହ୍ନ ଦିଅନ୍ତୁ ) | : | ସ୍ଥାନୀୟ ସ୍ତର/ଜିଲ୍ଲା ସ୍ତର/ରାଜ୍ୟ ସ୍ତର/ ଜାତୀୟ ସ୍ତର |
| ୧୩ | ବିଗତ ଏକବର୍ଷ ମଧ୍ୟରେ ଏକାମ୍ର ହାଟରେ ଷ୍ଟଲ ପାଇଛନ୍ତି କି ? ଯଦି ହଁ କେଉଁ ସମୟରେ ? | : | ହଁ/ନା |
| ୧୪ | ବିକ୍ରୟ ଉଦ୍ଦେଶ୍ୟରେ କିଏ ଷ୍ଟଲରେ ଉପସ୍ଥିତ ରହିବେ ? (ଦୟାକରି ନାମ, ଫଟୋ ଓ ଯୋଗାଯୋଗ ନମ୍ବର ପ୍ରଦାନ କରନ୍ତୁ ) | : | |
| ୧୫ | ମାସିକ ଭଡାର ପରିମାଣ | : | ଟ. ________________ଙ୍କା।<br>ଅକ୍ଷରରେ: |

## ସ୍ୱୀକାରୋକ୍ତି

ମୁଁ ଏକାମ୍ର ହାଟ କର୍ତ୍ତୃପକ୍ଷଙ୍କ ସମସ୍ତ ନିୟମ ଏବଂ ସର୍ତ୍ତାବଳୀଗୁଡିକୁ ପଢି, ବୁଝି ଏହାକୁ ମାନିବାକୁ ରାଜି ଅଟେ । ମୋ ଦ୍ୱାରା ଉପରୋକ୍ତ ପ୍ରଦତ୍ତ ସମସ୍ତ ତଥ୍ୟ ସତ୍ୟ ଅଟେ; ଏଥିରେ ମିଥ୍ୟା ପ୍ରମାଣିତ ହେଲେ କିମ୍ବା ନିର୍ଦ୍ଦେଶାବଳୀର ଉଲଂଘନ ହେଲେ ଷ୍ଟଲ ଆବଣ୍ଟନରୁ ବଞ୍ଚିତ କରିପାରିବେ । ଏଥିରେ ମୋର କୌଣସି ଆପତ୍ତି ନହିଁ ।

(କାରିଗର/ବୁଣାକାରଙ୍କ ଦସ୍ତଖତ)

ତାରିଖ

ସ୍ଥାନ

**ବି. ଦ୍ର. : ଦୟାକରି ଉପରୋକ୍ତ ଦରଖାସ୍ତଟିକୁ ପୁରଣ କରି ବନ୍ଦ ଲଫାପାରେ ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନକୁ ବିଜ୍ଞାପନରେ ପ୍ରକାଶିତ ଠିକଣାରେ ପ୍ରେରଣ କରନ୍ତୁ।**